**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**22 April - 2024**

**News Editor : *Tapan Kumar Moharana***

**********************************

## ପଦ୍ମ ପୁରସ୍କାର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ରାଷ୍ଟ୍ରପତି ଭବନରେ ପଦ୍ମ ପୁରସ୍କାର ପ୍ରଦାନ କରିବେ । ରାଷ୍ଟ୍ରପତି ଭବନରୁ ମିଳିଥିବା ସୂଚନା ଅନୁସାରେ ପୂର୍ବତନ ଉପରାଷ୍ଟ୍ରପତି ଏମ୍. ଭେଙ୍କେୟା ନାଇଡୁ ଏବଂ ଭାରତନାଟ୍ୟମ ନୃତ୍ୟଶିଳ୍ପୀ ଡକ୍ଟର ପଦ୍ମା ସୁବ୍ରମଣ୍ୟମ୍‌ଙ୍କୁ ପଦ୍ମ ବିଭୂଷଣ, ଅନ୍ୟ ମନୋନୀତ ବ୍ୟକ୍ତିବିଶେଷଙ୍କୁ ପଦ୍ମଭୂଷଣ ଏବଂ ପଦ୍ମଶ୍ରୀ ସମ୍ମାନରେ ଶ୍ରୀମତୀ ମୁର୍ମୁ ସମ୍ମାନିତ କରିବେ ।

## ସାଧାରଣ ନିର୍ବାଚନ-ପୋଲିସ ବ୍ୟବସ୍ଥା

ଆଗାମୀ ସାଧାରଣ ନିର୍ବାଚନ ସମୟରେ ରାଜ୍ୟରେ ଯେପରି କୌଣସିପ୍ରକାର ସମ୍ଭାବ୍ୟ ମାଓବାଦୀ ହିଂସାକୁ ପ୍ରତିହତ କରିବା ଲାଗି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ପୁଲିସ ମହାନିର୍ଦ୍ଦେଶକ ଅରୁଣ କୁମାର ଷଡ଼ଙ୍ଗୀ କହିଛନ୍ତି । ଗଞ୍ଜାମ ଗସ୍ତରେ ଯାଇ ବ୍ରହ୍ମପୁରଠାରେ ନିର୍ବାଚନ ସମ୍ପର୍କିତ ଦକ୍ଷିଣାଞ୍ଚଳ ରେଞ୍ଜସ୍ତରୀୟ ସମୀକ୍ଷା ବୈଠକରେ ଗତକାଲି ଅଧ୍ୟକ୍ଷତା କରି ଶ୍ରୀ ଷଡଙ୍ଗୀ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଏହି ରେଞ୍ଜ ଅଧୀନରେ ଥିବା ୫ଟି ପୋଲିସ

ଜିଲ୍ଲାରେ ଆସନ୍ତା ମାସ ୧୩ ଓ ୨୦ ତାରିଖରେ ହେବାକୁ ଥିବା ମତଦାନକୁ ଯେଭଳି ଅବାଧ ଓ ମୁକ୍ତ କରାଯିବ ସେଥିଲାଗି ଆବଶ୍ୟକ ରଣନୀତି ପ୍ରସ୍ତୁତ କରାଯାଇଛି । ମାଓବାଦୀ ଗତିବିଧି ଥିବା ବୌଦ୍ଧ ଓ କନ୍ଧମାଳ ଜିଲ୍ଲାରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି । ଏଥିସହ କମ୍ବିଂ ଅପରେସନକୁ ମଧ୍ୟ ତ୍ୱରାନ୍ୱିତ କରାଯାଇଛି । ଦକ୍ଷିଣାଞ୍ଚଳ ରେଞ୍ଜରେ ମୋଟ୍ ୪ହଜାର ୭୨୦ଟି ମତଦାନ କେନ୍ଦ୍ର ରହିଛି ।

ପୁଲିସ ମହାନିର୍ଦ୍ଦେଶକ କହିଛନ୍ତି ନିର୍ବାଚନ ସମୟରେ ପୁଲିଂ ପାର୍ଟି, ବୁଥ୍ ଓ ମତଦାତାଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଆଯାଇଛି । ଏହି ରେଞ୍ଜରେ ୨୦ କମ୍ପାନୀ କେନ୍ଦ୍ରୀୟ ଫୋର୍ସ ମୁତୟନ ଅଛନ୍ତି । ନିର୍ବାଚନକୁ ଦୃଷ୍ଟିରେ ରଖି ସାମାଜିକ ଗଣମାଧ୍ୟମରେ କୌଣସି ଗୁଜବ କି ଅପପ୍ରଚାର ନକରିବା ଲାଗି ପୁଲିସ ମହାନିର୍ଦ୍ଦେଶକ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି । ଏହା ଉପରେ ତୀକ୍ଷ୍ଣ ନଜର ରଖିବା ଲାଗି ସାମାଜିକ ଗଣମାଧ୍ୟମ ମନିଟରିଂ ସେଲ୍ ଗଠନ କରାଯାଇଛି ବୋଲି ଶ୍ରୀ ଷଡ଼ଙ୍ଗୀ କହିଛନ୍ତି ।

## ବିଜେପି - ଜୟପୁର ପ୍ରାର୍ଥୀ ଘୋଷଣା

ଜୟପୁର ବିଧାନସଭା ଆସନ ଲାଗି ବିଜେପି ପକ୍ଷରୁ ଗୌତମ ସାମନ୍ତରାୟଙ୍କୁ ପ୍ରାର୍ଥୀ କରାଯାଇଛି। ଗୌତମଙ୍କୁ ମିଶାଇ ଏପର୍ଯ୍ୟନ୍ତ ବିଜେପି ପକ୍ଷରୁ ୧୩୨ଟି ବିଧାନସଭା ଆସନ ଲାଗି ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇ ସାରିଛି ।

# ପୁଲିଂ ଅଧିକାରୀଙ୍କୁ ତାଲିମ ପ୍ରଦାନ

ସମ୍ବଲପୁର ଜିଲ୍ଲାରେ ଆଗାମୀ ସାଧାରଣ ନିର୍ବାଚନକୁ ମୁକ୍ତ ଓ ନିରପେକ୍ଷ ଭାବେ ପରିଚାଳନା କରିବାଲାଗି ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜାରି ରହିଛି । ଜିଲ୍ଲାର ପ୍ରିଜାଇଡିଙ୍ଗ ଓ ପୁଲିଂ ଅଧିକାରୀଙ୍କୁ ଏଥିଲାଗି ତାଲିମ ପ୍ରଦାନ କରାଯାଉଛି । ଜିଏମ୍ ବିଶ୍ୱବିଦ୍ୟାଳୟରେ ଚାଲିଥିବା ଏହି ତାଲିମ ପ୍ରଦାନ କାର୍ଯ୍ୟକ୍ରମରେ ପୁଲିଂ ଅଧିକାରୀଙ୍କ ସହିତ ପ୍ରିଜାଇଡିଙ୍ଗ ଅଧିକାରୀମାନେ ମଧ୍ୟ  ଯୋଗ ଦେଇଛନ୍ତି । ମତଦାନ କେନ୍ଦ୍ରର ସୁରକ୍ଷା ବ୍ୟବସ୍ଥା ଇଭିଏମ୍ ଓ ଭିଭିପାଟ୍ ସ୍ଥାପନ ଓ ପ୍ରସ୍ତୁତି, ମଦଦାନ ପ୍ରକ୍ରିୟା ସମେତ କଣ୍ଟ୍ରୋଲ ୟୁନିଟ୍ କାର୍ଯ୍ୟ ସମ୍ପର୍କରେ ସେମାନଙ୍କୁ ତାଲିମ ପ୍ରଦାନ କରାଯାଇଛି । ଆଜି ଏହି ତାଲିମ ପ୍ରଦାନ କାର୍ଯ୍ୟକ୍ରମ ଶେଷ ହେବ ।

# ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ସୁନ୍ଦରଗଡ ଜିଲ୍ଲା ହେମଗିର ବ୍ଲକଠାରେ ଗତକାଲି ବୁଥସ୍ତରୀୟ ଓ ସେକ୍ଟର ଅଧିକାରୀ ମାନଙ୍କର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଘରକୁଘର ବୁଲି ମତଦାନ ସମ୍ପର୍କରେ ଭୋଟର ସଚେତନତା ସୃଷ୍ଟି କରିବା ଉପରେ ଏହି ଶିବିରରେ ତାଲିମ ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ୧୪ଜଣ ସେକ୍ଟର ଅଧିକାରୀଙ୍କ ସମେତ ୮୬ଟି ବୁଥ୍ର ବୁଥ୍ସ୍ତରୀୟ ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ ।

## ୟୁଜିସି ନେଟ୍-ସ୍ନାତକଧାରୀ

ସ୍ନାତକ ପାଠ୍ୟକ୍ରମରେ ସର୍ବମୋଟ୍ ୭୫ପ୍ରତିଶତ ମାର୍କ କିମ୍ବା ସମକକ୍ଷ ଗ୍ରେଡ୍ ରଖି ପାସ୍ କରିଥିବା ଛାତ୍ରଛାତ୍ରୀମାନେ ୟୁଜିସି-ନେଟ୍ ପରୀକ୍ଷା ଦେଇପାରିବେ ବୋଲି ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ କହିଛି । ମିଳିଥିବା ସୂଚନା ଅନୁଯାୟୀ ୪ ବର୍ଷିଆ ସ୍ନାତକଧାରୀ ଛାତ୍ରଛାତ୍ରୀମାନେ ସିଧାସଳଖ ପିଏଚ୍‌ଡି କରିପାରିବେ । ବିଭିନ୍ନ ସଂରକ୍ଷିତ ବର୍ଗର ଛାତ୍ରଛାତ୍ରୀମାନଙ୍କ ପାଇଁ ଅଧିକ ୫ ପ୍ରତିଶତ ନମ୍ବର ଦିଆଯିବାର ବ୍ୟବସ୍ଥା ରହିଛି । ଜୁନ୍-୨୦୨୪ ସେସନ ପାଇଁ ୟୁଜିସି-ନେଟ୍ ପରୀକ୍ଷା ଜୁନ୍ ମାସ ୧୬ ତାରିଖରେ ଅନୁଷ୍ଠିତ ହେବ ।

## ହିଙ୍ଗୁଳା ଯାତ୍ରା

ଅନୁଗୁଳ ଜିଲ୍ଲା ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କର ନବଦିନାତ୍ମକ ପ୍ରସିଦ୍ଧ ବାର୍ଷିକ ଯାତ୍ରା ଆଜିଠାରୁ ଆରମ୍ଭ ହେଉଛି । ଭକ୍ତମାନେ ଯେଭଳି ସୁରୁଖୁରୁରେ ତଥା ଶାନ୍ତିଶୃଙ୍ଖଳାର ସହ ମା'ଙ୍କ ଦର୍ଶନ କରିପାରିବେ ସେଥିଲାଗି ପ୍ରଶାସନ ପକ୍ଷରୁ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଏଥିସହିତ ୨୦ତମ ଲୋକ ମହୋତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଆଜି ସଂଧ୍ୟାରେ ଅନୁଷ୍ଠିତ ହେବ । ଏଥିରେ ରାଜ୍ୟ ତଥା ରାଜ୍ୟ ବାହାରୁ କଳାକାରମାନଙ୍କ ଦ୍ୱାରା ବିଭିନ୍ନ ଲୋକନୃତ୍ୟ ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ । ଆସନ୍ତା ୩୦ତାରିଖ ଦିନ ମା'ଙ୍କର ଏହି ଶିତୁଳା ପର୍ବ ସହ ଲୋକ ମହୋତ୍ସବ ଉଦ୍‌ଯାପିତ ହେବା ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

# ଜଙ୍ଗଲ ନିଆଁ

ରାଜ୍ୟର ବିଭିନ୍ନ ଜିଲ୍ଲାର ଜଙ୍ଗଲ ଗୁଡ଼ିକର ୭୮୨ଟି ସ୍ଥାନରେ ଜଙ୍ଗଲ ନିଆଁ ଲାଗିଛି ବୋଲି ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ ତଥ୍ୟରୁ ଜଣାପଡିଛି । ଗତ ଏକସପ୍ତାହ ମଧ୍ୟରେ ରାଜ୍ୟର ୬ହଜାର ୧୦୫ଟି ସ୍ଥାନରେ ଜଙ୍ଗଲ ନିଆଁ ଲାଗିଥିବା କୁହାଯାଇଛି । ମାଲକାନଗିରିର ଚିତ୍ରକୋଣ୍ଡା ଓ କାଲିମେଳା, କୋରାପୁଟର ବୈପାରୀଗୁଡା, ସେମିଳିଗୁଡା, ରାୟଗଡା, ମଦନପୁର-ରାମପୁର, କୋଟପାଡ, ଟିକାବାଲି, ସମ୍ବଲପୁରର ଚାରମାଳ, ଦେବଗଡର ବାରକୋଟ, କେନ୍ଦୁଝରର ବଡବିଲ, ଅନୁଗୁଳର ଛେଣ୍ଡିପଦା ସମେତ ଅନ୍ୟକେତେକ ସ୍ଥାନରେ ଜଙ୍ଗଲ ନିଆଁ ଅଦ୍ୟାବଧି ଲାଗିଥିବା ଏହି ତଥ୍ୟରୁ ଜଣାପଡିଛି ।

ଅନ୍ୟପକ୍ଷରେ ଗତକାଲିଠାରୁ ଶିମିଳିପାଳ ଅଭୟାରଣ୍ୟର ୧୧୫ଟି ସ୍ଥାନରେ ଜଙ୍ଗଲ ନିଆଁ ଲାଗିଥିବାବେଳେ କେନ୍ଦୁଝରର ୩୦ଟି ଏବଂ ବାରିପଦା ଡିଭିଜନର ୩୦ରୁ ଅଧିକ ସ୍ଥାନରେ ନିଆଁ ଲାଗିଛି । ଜଙ୍ଗଲ ନିଆଁକୁ ରୋକିବା ପାଇଁ ବନବିଭାଗ ପକ୍ଷରୁ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଉଛି ବୋଲି ବନ୍ୟପ୍ରାଣୀ ଦାୟିତ୍ୱରେ ଥିବା ପ୍ରଧାନ ମୁଖ୍ୟ ବନସଂରକ୍ଷକ ସୁଶାନ୍ତ ନନ୍ଦ ସୂଚନା କହିଛନ୍ତି ।

# ପାଣିପାଗ

ରାଜ୍ୟର ବିଭିନ୍ନ ଜିଲ୍ଲାର କେତେକ ସ୍ଥାନରେ ଗତକାଲିଠାରୁ କାଳବୈଶାଖୀ ଜନିତ ବର୍ଷା ଆରମ୍ଭ ହୋଇଛି । ଏହାର ପ୍ରଭାବରେ ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ, ଗଜପତି, ସୋନପୁର, ବୌଦ୍ଧ, ନୂଆପଡା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡା, କୋରାପୁଟ, ମାଲକାନଗିରି, ସୁନ୍ଦରଗଡ, ଝାରସୁଗୁଡା, ବରଗଡ ଓ ସମ୍ବଲପୁର ଆଦି ଜିଲ୍ଲାରେ ଆଜି ବିଜୁଳି ଘଡଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି । ଏହି ସମୟରେ ବର୍ଷା ସାଙ୍ଗକୁ ପବନର ବେଗ ବୃଦ୍ଧି ପାଇବ ଏବଂ ଘଣ୍ଟାପ୍ରତି ୪୦ରୁ ୫୦ କିଲୋମିଟର ପର୍ଯ୍ୟନ୍ତ ପବନ ବହିବା ନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି ।

ଅନ୍ୟପକ୍ଷରେ ଗତକାଲି ରାଜ୍ୟର ୯ଟି ସହରର ତାପମାତ୍ରା ୪୩ ଡିଗ୍ରୀ ସେଲସିୟସ୍‌ରୁ ଅଧିକ ଥିଲା । ସର୍ବାଧିକ ଦିନ ତାପମାତ୍ରା ୪୪ ଦଶମିକ ୬ ଡିଗ୍ରୀ ସେଲସିୟସ୍ ବାରିପଦାଠାରେ ରେକର୍ଡ କରାଯାଇଥିବାବେଳେ ନୂଆପଡାର ତାପମାତ୍ରା ୪୪ ଡିଗ୍ରୀ ସେଲସିୟସ୍ ରହିଥିଲା ।